# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**13 October - 2024**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ସତ୍ୟ, ନ୍ୟାୟ, ଧର୍ମ ଏବଂ ପୂଣ୍ୟର ନିଦର୍ଶନ ସ୍ୱରୂପ ଶାରଦୀୟ ପୂଜାର ଅନ୍ତିମ ଦିନରେ ପାଳନ କରାଯାଉଛି ବିଜୟାଦଶମୀ

- ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନେ ରାଜରାଜେଶ୍ୱରୀ ବେଶରେ ଦେଉଛନ୍ତି ଦର୍ଶନ

- ଶ୍ରୀମନ୍ଦିରରେ ଭକ୍ତମାନଙ୍କୁ ମାଗଣା ମହାପ୍ରସାଦ ଦେବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି; କହିଲେ, ଆଇନ୍ ମନ୍ତ୍ରୀ

ଏବଂ

- ରାଜ୍ୟରୁ ଆସନ୍ତା ମଙ୍ଗଳବାରଠାରୁ ପ୍ରତ୍ୟାବର୍ତ୍ତନ କରିବ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ

— ଚଳିତବର୍ଷ ରାଜ୍ୟରେ ସ୍ୱାଭାବିକଠାରୁ ୫ ପ୍ରତିଶତ ନିଅଣ୍ଟିଆ ବର୍ଷା

## ଦଶହରା-ରାବଣପୋଡି

ଅସତ୍ୟ ଉପରେ ସତ୍ୟ, ଅଧର୍ମ ଉପରେ ଧର୍ମ, ଅନ୍ୟାୟ ଉପରେ ନ୍ୟାୟ ଓ ପାପ ଉପରେ ପୂଣ୍ୟର ବିଜୟର ନିଦର୍ଶନ ସ୍ୱରୂପ ପ୍ରଭୁ ଶ୍ରୀରାମଙ୍କ ବିଜୟକୁ ସ୍ମରଣ କରି ଆଜି ବିଜୟାଦଶମୀ ପର୍ବ ପାଳନ କରାଯାଉଛି । ଦେବୀପୀଠଗୁଡ଼ିକରେ ଆଜି ବିଶ୍ରାମ ନୀତି ପାଳନ କରାଯାଉଛି । ପୂଜାମଣ୍ଡପ ଗୁଡ଼ିକରେ ଆଜି ଦଶହରା ପୂଜା ଏବଂ ଶାରଦୀୟ ପୂଜାର ଶେଷଦିନରେ ଆଜି ସନ୍ଧ୍ୟାରେ ପବିତ୍ର ବିଜୟାଦଶମୀ ଅବସରରେ ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଆୟୋଜନ କରାଯାଉଛି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ପବିତ୍ର ବିଜୟା ଦଶମୀରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି, ଜଗତଜନନୀ ମା’ ଦୁର୍ଗାଙ୍କ ଅପାର କରୁଣା ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ ।

## ରାବଣପୋଡି-୨

ଚଳିତବର୍ଷ ଭୁବନେଶ୍ୱରରେ ୧୦ଟି ସ୍ଥାନରେ ରାବଣପୋଡି ଉତ୍ସବକୁ ଅନୁମତି ମିଳିଛି ବୋଲି କମିଶନରେଟ୍ ପୁଲିସ୍ ପକ୍ଷରୁ ସୂଚନା ମିଳିଛି । କଟକ ବାଲିଯାତ୍ରା ପଡିଆରେ ରାବଣପୋଡି ଉତ୍ସବ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ।

## ଦଶହରା-ପୁରୀ

ପୁରୀ ଶ୍ରୀମନ୍ଦିରରେ ବିଜୟା ଦଶମୀ ପର୍ବ ଉପଲକ୍ଷେ ଶ୍ରୀଜୀଉମାନେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ପ୍ରଭୁଙ୍କର ରାଜରାଜେଶ୍ୱର ବେଶ ଦର୍ଶନ କରିବା ମହାପୁଣ୍ୟ ବୋଲି ପୁରାଣଶାସ୍ତ୍ରରେ ଉଲ୍ଲେଖ ରହିଛି । ମହାପ୍ରଭୁଙ୍କ ଅବକାଶ ନୀତି ପରେ ଚନ୍ଦନଲାଗି ଓ ନୂଆଲୁଗା ଲାଗି କରାଯିବା ପରେ ଶ୍ରୀଜୀଉଙ୍କୁ ସୁନାବେଶ କରାଯାଇଥିଲା। ୩୨ ମୂର୍ତ୍ତି ସ୍ୱର୍ଣ୍ଣ ଅଳଙ୍କାରରେ ଶ୍ରୀଜୀଉମାନଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଛି। ମହାପ୍ରଭୁଙ୍କ ପାଖରେ ଆୟୁଧ ଲାଗି ପରେ ମଦନମୋହନ ଓ ରାମକୃଷ୍ଣ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ମହାଖଳାକୁ ବିଜେ କରିବେ। ଶ୍ରୀଜୀଉଙ୍କର ଏହି ଅନନ୍ୟ ଓ ଦୁର୍ଲଭ ବେଶକୁ ଦେଖିବା ପାଇଁ ପୁରୀରେ ଆଜି ଭକ୍ତଙ୍କ ସମାଗମ ହୋଇଛି ।

## ବିଜୟାଦଶମୀ

**ଭଦ୍ରକ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଦଶହରା ଉପଲକ୍ଷେ ପାରମ୍ପରିକ ବଦଳ ଶୋଭାଯାତ୍ରା ଆଜି ଅନୁଷ୍ଠିତ ହେଉଛି। ଜିଲ୍ଲାର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ଥିବା ମା’ ଜୟଦୁର୍ଗାଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେବା ସହ ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀ ପ୍ରମୁଖ ଶକ୍ତିପୀଠରେ ପୂଜା ପାଉଛନ୍ତି। ଜିଲ୍ଲାର ୭ଟି ବ୍ଲକ୍ ଓ ୪ଟି ପୌରାଞ୍ଚଳରେ ୧୦୦ ରୁ ଊର୍ଦ୍ଧ୍ୱ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ମଣ୍ଡପରେ ଆଜି ଦଶହରାରେ ମା’ଙ୍କ ନିକଟରେ ସିନ୍ଦୂର ଖେଳ ନୀତି ହେଉଛି।

**ଢେଙ୍କାନାଳ** ଜିଲ୍ଲାରେ ଦଶହରା ଉପଲକ୍ଷେ ବଳଦ ଯାତ୍ରା ଉତ୍ସବ ଆଜି ସନ୍ଧ୍ୟା ୫ଟା ପରେ ଆରମ୍ଭ ହୋଇ ଆସନ୍ତାକାଲି  ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ଚାଲିବ। ଏହି ଯାତ୍ରାରେ ଶହଶହ ବଳଦମାନଙ୍କୁ ନେଇ ଭକ୍ତମାନେ ଯୋଗଦେବାର ପରମ୍ପରା ରହିଛି।

## ଦଶହରା-ଜିଲ୍ଲା

**କୋରାପୁଟ** ଜିଲ୍ଲାର ବିଭିନ୍ନ ପୂଜା ମଣ୍ଡପଗୁଡ଼ିକରେ ଦଶହରା ପର୍ବ ଭକ୍ତିମୟ ପରିବେଶରେ ପାଳିତ ହେଉଛି। ଜୟପୁର, କୋରାପୁଟ, ସେମିଳିଗୁଡ଼ା ଆଦି ସ୍ଥାନରେ ପୂଜା ମଣ୍ଡପଗୁଡ଼ିକରେ ବହୁ ସଂଖ୍ୟାରେ ଭକ୍ତମାନେ ମା'ଙ୍କୁ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। ଜିଲ୍ଲାର ଭଗବତୀ, ଦକ୍ଷିଣକାଳୀ ଆଦି ପ୍ରସିଦ୍ଧ ଶକ୍ତିପୀଠରେ ଗତକାଲି ଦଶହରା ସହ ଅପରାଜିତା ପୂଜା ସମ୍ପନ୍ନ ହୋଇଛି। ପରମ୍ପରା ଅନୁସାରେ, ଦଶହରା ପଡିଆଠାରେ ରାବଣପୋଡି ଅନୁଷ୍ଠିତ ହୋଇଥିଲା।

**ନବରଙ୍ଗପୁର** ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀଙ୍କର ଶାରଦୀୟ ପୂଜା ଅବସରରେ ଆଜି ଦଶମୀ ତିଥିରେ ପୂର୍ଣ୍ଣାହୂତି ହୋମ ଶେଷ ହୋଇଛି। ମା'ଙ୍କ ଅନନ୍ୟ ଲାଖବିନ୍ଧା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ତଥା ଜିଲ୍ଲା ବାହାରୁ ସମସ୍ତ ଗ୍ରାମଦେବାଦେବୀଙ୍କ ପ୍ରତୀତାତ୍ମକ ଲାଠି ଗତ ସନ୍ଧ୍ୟାରେ ଆସି ମା'ଙ୍କ ପୀଠରେ ପହଞ୍ଚିବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ

ପୂଜାର୍ଚ୍ଚନା ହୋଇଥିଲା। ପରେ ମା’ଙ୍କର ପାଟଖଣ୍ଡାକୁ  ପାଟପଟୁଆରରେ ନେଇ ସହର ପରିକ୍ରମା କରିଥିଲା।

## ମୁଖ୍ୟମନ୍ତ୍ରୀ-କେନ୍ଦୁଝର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଆଜି କେନ୍ଦୁଝରରେ ମା’ ଦୁର୍ଗାଙ୍କର ପୂଜାମଣ୍ଡପ ଗୁଡିକରେ ମା’ଙ୍କୁ ଦର୍ଶନ କରିଛନ୍ତି। ପାରମ୍ପରିକ ନୃତ୍ୟ ଗୀତରେ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ପୂଜାମଣ୍ଡପରେ ସ୍ୱାଗତ କରାଯାଇଥିଲା। ଗୁଜୁରାଟୀ ସମାଜର ନବରାତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କର ନିଜ ଗ୍ରାମ ରାଇକଳା ଗସ୍ତ କରି ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ପଦ୍ମପୁର ଗସ୍ତ କରିବା ପରେ ଅପରାହ୍ନରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ।

## ନବରାତ୍ରୀ ପୂଜା

ଆଶ୍ୱିନମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇଥିବା ମା’ ଜଗତଜନନୀ ଦୁର୍ଗାଙ୍କର ଆଜି ପବିତ୍ର ଦଶହରା। ରାଜ୍ୟର ବିଭିନ୍ନ ପୂଜାମଣ୍ଡପଗୁଡ଼ିକରେ ବିଜୟାଦଶମୀରେ  ମା’ଙ୍କ ନିକଟରେ ଅପରାଜିତା ଲାଗି ହେବା ସହ ମହିଳାମାନଙ୍କ ଦ୍ୱାରା ସିନ୍ଦୁର ଖେଳ ପୂଜାନୀତି ଅନୁଷ୍ଠିତ ହେଉଛି।

**ନୟାଗଡ଼**ରେ ୯୫ଟି ମଣ୍ଡପରେ ମା’ଙ୍କର ମୃଣ୍ମୟୀ ମୂର୍ତ୍ତୀ ପୂଜା ପାଉଛି। ମଣ୍ଡପଗୁଡ଼ିକ ଆକର୍ଷଣୀୟ ବିଦ୍ୟୁତ୍ ଆଲୋକରେ ସଜ୍ଜିତ କରାଯାଇଛି। ରଙ୍ଗ ବେରଙ୍ଗର ଆଲୋକମାଳାରେ ମଣ୍ଡପ ଗୁଡ଼ିକ ଉଦ୍ଭାଷିତ ହେଉଛି । ଦୁର୍ଗାପୂଜା

ଯାକଜମକରେ ପାଳନ ହେଉଥିଲା ବେଳେ ମାଆଙ୍କୁ ମଣ୍ଡପରେ ଦର୍ଶନ କରିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଦେଖିବାକୁ ମିଳୁଛି ।

ଏ ସମ୍ପର୍କରେ ଆମ **ନୟାଗଡ଼** ସାମ୍ବାଦଦାତା ବିଶ୍ୱନାଥ ପ୍ରତାପ ପଟ୍ଟନାୟକଙ୍କ ରିପୋର୍ଟ......

# - V/O –

## କେନ୍ଦ୍ରମନ୍ତ୍ରୀଙ୍କ ସମଲେଇଙ୍କ ଦର୍ଶନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ଦର୍ଶନ କରିବା ସହିତ ପବିତ୍ର ବିଜୟାଦଶମୀ ଅବସରରେ ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ବୁଲିଛନ୍ତି । ଅଇଁଠାପାଲିଠାରେ ଗତକାଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ରାବଣପୋଡି ଉତ୍ସବରେ ଯୋଗଦେଇଥିଲେ । ଦୁର୍ଗାପୂଜା କେବଳ ଏକ ପର୍ବ ନୁହେଁ ବରଂ, ଆମ ସାଂସ୍କୃତିକ ଐତିହ୍ୟର ପ୍ରତୀକ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# - V/O -

## ଭସାଣ ଟ୍ରାଫିକ କଟକଣା

କଟକ ସହରରେ ଆସନ୍ତାକାଲି ମା' ଦୁର୍ଗାଙ୍କ ଭସାଣ ଉତ୍ସବ ପାଇଁ କମିଶନରେଟ ପୋଲିସ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଆସନ୍ତାକାଲି ସକାଳ ୮ଟାରୁ ମଙ୍ଗଳବାର

ପ୍ରତିମାଗୁଡ଼ିକ ବିସର୍ଜନ ଶେଷ ହେବା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ମୁଖ୍ୟ ଛକଗୁଡ଼ିକରେ ଟ୍ରାଫିକ ନିୟମ ଅନୁଯାୟୀ ଶୋଭାଯାତ୍ରା ପାଇଁ ଅନୁମତି ଦିଆଯାଇଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

## ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ ଦୁର୍ଗାପୂଜା ଭସାଣ ଓ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଥିବାରୁ ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ବନ୍ଦ ରହିବ।

## ମାଗଣା ମହାପ୍ରସାଦ

ପୁରୀ ଶ୍ରୀମନ୍ଦିରରେ ଭକ୍ତଙ୍କୁ ମାଗଣା ମହାପ୍ରସାଦ କୁଡୁଆ ମିଳିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏହି ଯୋଜନା ଆରମ୍ଭ କରିବେ। ରାଜ୍ୟ ତଥା ରାଜ୍ୟ ବାହାରୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ମହାପ୍ରସାଦ କୁଡୁଆ ଦିଆଯିବ। ଏଥି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଆଇନ୍ ମନ୍ତ୍ରୀ କହିଛନ୍ତି।

## ହବିଷ୍ୟାଳି ବ୍ୟବସ୍ଥା

ପବିତ୍ର କାର୍ତ୍ତିକ ବ୍ରତ କରିବା ପାଇଁ ଶ୍ରୀକ୍ଷେତ୍ର ପୁରୀରେ ହବିଷ୍ୟାଳି ମା' ମାନଙ୍କର କୌଣସି ଅସୁବିଧା ହେବ ନାହିଁ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ହବିଷ୍ୟାଳିମାନଙ୍କର ଉପଯୁକ୍ତ ଯତ୍ନ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ହବିଷ୍ୟାଳିମାନେ କିପରି ସୁଚାରୁରୂପେ ଦର୍ଶନ ସାରି ଘରକୁ ଫେରିବେ ତାହାର ଦାଇତ୍ୱ ରାଜ୍ୟ ସରକାର ନେବେ ବୋଲି ଆଇନ୍ ମନ୍ତ୍ରୀ କହିଛନ୍ତି।

# ପାଣିପାଗ

ଓଡିଶାରୁ ଆସନ୍ତା ମଙ୍ଗଳବାର ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଗତ କିଛିଦିନ ଧରି ରାଜ୍ୟରେ ମୌସୁମୀର ସ୍ଥିତି ଦୁର୍ବଳ ରହିବା ସହିତ ବର୍ଷାର ପରିମାଣ କମିଛି। ଚଳିତବର୍ଷ ସ୍ୱାଭାବିକ ସମୟର ଚାରିଦିନ ପୂର୍ବରୁ ମୌସୁମୀ ଓଡିଶା ଛୁଇଁଥିଲା । କେରଳ ତଟ ଛୁଇଁବାର ୮ଦିନ ପରେ ମୌସୁମୀ ଓଡିଶା ପ୍ରବେଶ କରିଥିଲା । ଚଳିତବର୍ଷ ମୌସୁମୀ ଋତୁରେ ଜୁନ ପହିଲାରୁ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ୧୧ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା । ରାଜ୍ୟରେ ଏହି ସମୟ ମଧ୍ୟରେ ୧ହଜାର ୯୨ମିଲିମିଟର ବର୍ଷା ହୋଇଥିଲା, ଯାହା କି ସ୍ୱାଭାବିକ ବର୍ଷାଠାରୁ ୫ ପ୍ରତିଶତ କମ୍ ଥିଲା । ମାଲକାନଗିରି ଜିଲ୍ଲାରେ ସର୍ବାଧିକ ବର୍ଷା

ହୋଇଥିଲା । ମାଲକାନଗିରି ଜିଲ୍ଲାରେ  ସ୍ୱାଭାବିକଠାରୁ ୫୬ ପ୍ରତିଶତ ଏବଂ ନୂଆପଡା ଜିଲ୍ଲାରେ ୧୩ପ୍ରତିଶତ ଅଧିକା ବର୍ଷା ହୋଇଥିଲା । ୨୪ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୪ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିଲ ।

*********************************